# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 8 September – 2026

**********************************

## <u>ମୁଖ୍ୟ ସମ୍ବାଦ</u>

- ରାଜ୍ୟରେ ଅଧିକ ପୁଞ୍ଜିନିବେଶ ଲକ୍ଷ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ

– ଓଡ଼ିଶାରେ ଥିବା ସୁଯୋଗ ଓ ସମ୍ଭାବନା ଉପରେ ଶିଳ୍ପପତିଙ୍କ ସହ କରିବେ ଆଲୋଚନା

- ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ସରକାରୀ ଓ ବେସରକାରୀ କୋଠାର ଚିହ୍ନଟ ପାଇଁ ସ୍ୱତନ୍ତ୍ର ଦଳ ଗଠନ କଲେ ରାଜ୍ୟ ସରକାର

- ଜନସାଧାରଣ, ଧରିତ୍ରୀ ଓ ସମୃଦ୍ଧି ପାଇଁ ସାକ୍ଷରତାର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ଆନ୍ତର୍ଜାତୀୟ ସାକ୍ଷରତା ଦିବସ

ଏବଂ

- ଉତ୍ତର–ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ସମ୍ଭାବନା

– ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ ବର୍ଷା ନେଇ ୧୫ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ମୁଖ୍ୟମନ୍ତ୍ରୀ ୟୁଏଇ ଗସ୍ତ

ଓଡ଼ିଶାକୁ ଅଧିକ ପୁଞ୍ଜିନିବେଶ ଆଣିବା ଏବଂ ବିଶ୍ୱସ୍ତରରେ ରାଜ୍ୟର ନିବେଶ ସମ୍ଭାବନାକୁ ପ୍ରଦର୍ଶନ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସଂଯୁକ୍ତ ଆରବ ଏମିରେଟ୍ସ–ୟୁଏଇ ଗସ୍ତରେ ଯାଉଛନ୍ତି। ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ବିଦେଶୀ ପୁଞ୍ଜିନିବେଶର ସୁଯୋଗ ଓ ସମ୍ଭାବନା ଉପରେ ବିଶ୍ୱର ନିବେଶକ ଓ ଶିଳ୍ପପତିମାନଙ୍କୁ ଅବଗତ କରାଇବେ। ଏଥିସହିତ ରାଜ୍ୟ ସହ ବିଭିନ୍ନ ଦେଶର ବ୍ୟବସାୟିକ ଓ ଶିଳ୍ପ ସମ୍ପର୍କକୁ ଆହୁରି ମଜଭୁତ କରିବା ଉପରେ ଗୁରୁତ୍ୱ ଦିଆଯିବ। ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଓଡ଼ିଶା ବିଶ୍ୱସ୍ତରୀୟ ନିବେଶ ପାଇଁ ଏକ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ଉଭା ହୋଇଛି। ନିବେଶକଙ୍କ ବିଶ୍ୱାସ, ଅନୁକୂଳ ଶିଳ୍ପନୀତି ଓ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଦ୍ରୁତଗତିକୁ ପ୍ରାଥମିକତା ଦେଇ ରାଜ୍ୟରେ ଶିଳ୍ପ ଓ ବ୍ୟବସାୟିକ ପରିବେଶ ପ୍ରସ୍ତୁତ ହୋଇଛି। ବିଶ୍ୱସ୍ତରୀୟ ନିବେଶକ ଓ ଶିଳ୍ପ ନେତୃତ୍ୱଙ୍କ ସହ ଓଡ଼ିଶାର ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଶ୍ରୀ ମାଝୀ କହିଛନ୍ତି।

ଗସ୍ତର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଆବୁଧାବିରେ ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ ଓ ଇଣ୍ଡିଆନ୍ ବିଜନେସ୍ ଆଣ୍ଡ ପ୍ରଫେସନାଲ ଗ୍ରୁପ୍‌ର ପ୍ରମୁଖ

ନେତୃତ୍ୱଙ୍କ ସହ ଆଲୋଚନା କରିବେ। ସନ୍ଧ୍ୟାରେ ଦୁବାଇରେ ‘ଏକ ଜିଲ୍ଲା, ଏକ ଉତ୍ପାଦ’ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାର ବିଭିନ୍ନ ଉତ୍ପାଦର ପ୍ରଦର୍ଶନୀକୁ ଉଦ୍‌ଘାଟିତ କରିବେ। ୟୁଏଇ ସରକାରଙ୍କ ବିଭିନ୍ନ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ସେଠାରେ ଉଚ୍ଚସ୍ତରୀୟ ଆଲୋଚନା କରିବା ସହ ନିବେଶକ, ଶିଳ୍ପପତି ଓ ବ୍ୟବସାୟିକ ପ୍ରତିନିଧିଙ୍କ ସହ ବୈଠକ କରିବେ। ଏହାବ୍ୟତୀତ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗଦେଇ ରାଜ୍ୟରେ ନିବେଶ ପାଇଁ ରହିଥିବା ସୁଯୋଗ ସମ୍ପର୍କରେ ନିବେଶକମାନଙ୍କୁ ଅବଗତ କରାଇବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୟୁଏଇରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି।

BBSR/R

## କୋଠା ଯାଞ୍ଚ

ରାଜ୍ୟରେ ଥିବା ବିପଦପୂର୍ଣ୍ଣ ସରକାରୀ ଓ ବେସରକାରୀ କୋଠାକୁ ଆଗାମୀ ୧୫ ଦିନ ମଧ୍ୟରେ ଚିହ୍ନଟ ପାଇଁ ସରକାର ଏକ ସ୍ୱତନ୍ତ୍ର ଦଳ ଗଠନ କରିଛନ୍ତି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି। ଏହି ଦଳ କୋଠାଗୁଡ଼ିକର ସ୍ଥିତି ଓ ସୁରକ୍ଷାର ଆକଳନ କରିବେ। ବିଶେଷ କରି କଟକ ଓ ପୁରୀ ଜିଲ୍ଲାରେ ଥିବା ବିପଦସଂକୁଳ କୋଠାଗୁଡ଼ିକର ଚିହ୍ନଟ ପ୍ରକ୍ରିୟାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଯାଞ୍ଚ ରିପୋର୍ଟ ଦାଖଲ କରିବାକୁ ସ୍ୱତନ୍ତ୍ର ଦଳକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

**- V/O –**

BBSR/R

# ଜନଜାତି ସମସ୍ୟା ସମୀକ୍ଷା

ଜାତୀୟ ଅନୁସୂଚିତ ଜନଜାତି ଆୟୋଗ– ଏନ୍.ସି.ଏସ୍.ଟି.ର ଅଧ୍ୟକ୍ଷ ଅନ୍ତରସିଂହ ଆର୍ଯ୍ୟ ଭୁବନେଶ୍ୱର ମହାନଗର ନିଗମ ସମ୍ମିଳନୀ କକ୍ଷରେ ଜନଜାତିଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ଓ ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ଜନଜାତି ଛାତ୍ରଛାତ୍ରୀଙ୍କ ଶିକ୍ଷା, ନିଯୁକ୍ତି, ଜୀବନଜୀବିକା ଓ ଅଧିକାର ସମ୍ପର୍କରେ ଆଲୋଚନା କରିଛନ୍ତି। ଆଦିବାସୀ ସମାଜର ସମସ୍ୟାଗୁଡ଼ିକୁ ଠିକ୍ ଭାବେ ଚିହ୍ନଟ କରି ସେଗୁଡ଼ିକର ସମାଧାନ ପାଇଁ ପ୍ରଶାସନ ଓ ସମ୍ପୃକ୍ତ କମିଟିଗୁଡ଼ିକୁ ଅଧିକ ଦାୟିତ୍ୱବୋଧ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ଆଦିବାସୀ ସମ୍ପ୍ରଦାୟର ବିଭିନ୍ନ ପ୍ରସଙ୍ଗ, ଅଧିକାର ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ସମୀକ୍ଷା କରାଯାଇଛି।

Desk

# ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱରସ୍ଥିତ କୃଷି ଭବନଠାରେ ରାଜ୍ୟ କ୍ଷେତ୍ର ଯୋଜନା– ଆଖୁ ଉନ୍ନୟନ ପ୍ରଯୁକ୍ତି ମିଶନ, ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଅଧିକ ଅମଳ ପାଇଁ ଆଧୁନିକ ପ୍ରଣାଳୀରେ ଆଖୁଚାଷ ଉପରେ

ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବୟନ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ।

Sambalpur

## ଦିଶା ବୈଠକ

ଜନସାଧାରଣଙ୍କୁ ମୌଳିକ ସୁବିଧା ଓ ସୁଯୋଗ ଯୋଗାଇ ଦେବା ଲକ୍ଷ୍ୟରେ ସମ୍ବଲପୁର ଜିଲ୍ଲାରେ ଆୟୋଜିତ ଜିଲ୍ଲା ସମନ୍ୱୟ ଓ ତଦାରଖ କମିଟି– ଦିଶା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଛନ୍ତି।

Desk

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ସମାଜରେ ସାକ୍ଷରତାର ଗୁରୁତ୍ୱକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ କରାଯାଉଛି । ଆଜି ଦିବସର ବାର୍ତ୍ତା ରହିଛି ଜନସାଧାରଣ, ଧରିତ୍ରୀ ଓ ସମୃଦ୍ଧି ପାଇଁ ସାକ୍ଷରତା। ୧୯୬୬ ମସିହା ଅକ୍ଟୋବର ୨୬ ତାରିଖରେ ପ୍ରଥମଥର ପାଇଁ ୟୁନେସ୍କୋର ଚତୁର୍ଦ୍ଦଶ ସାଧାରଣ ସମ୍ମିଳନୀରେ ସେପ୍ଟେମ୍ବର ୮ ତାରିଖକୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳନ ପାଇଁ ଘୋଷଣା କରାଯାଇଥିଲା । ୧୯୬୭ ମସିହାରୁ ଏହି ଦିବସ ପାଳିତ ହୋଇଆସୁଅଛି। ଚଳିତ ବର୍ଷ

ଦିବସ ପାଳନର ୬୦ତମ ବାର୍ଷିକୀ ଅନୁଷ୍ଠିତ ହେଉଛି। ଭାରତର ସାମଗ୍ରୀକ ସାକ୍ଷରତା ହାର ୮୦ ଦଶମିକ ୯ ପ୍ରତିଶତ ହୋଇଛି। ଶିକ୍ଷା ମନ୍ତ୍ରଣାଳୟର ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ଅଧୀନରେ ୧୫ ବର୍ଷରୁ ଊର୍ଦ୍ଧ୍ୱଙ୍କ କ୍ଷେତ୍ରରେ ସାକ୍ଷରତା ହାର ୯୫ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଥିଲେ ସେହି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳକୁ ସମ୍ପୂର୍ଣ୍ଣ ସାକ୍ଷର ଅଞ୍ଚଳ ଭାବେ ମାନ୍ୟତା ପ୍ରଦାନ କରାଯାଇଥାଏ।

ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ଶିକ୍ଷା ହେଉଛି ମନୁଷ୍ୟର ପ୍ରକୃତ ପରିଚୟ। ଜଣେ ସାକ୍ଷର ବ୍ୟକ୍ତି କେବଳ ନିଜେ ଆତ୍ମନିର୍ଭରଶୀଳ ହେବା ସହିତ ସମାଜ ଓ ଦେଶର ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସାକ୍ଷରତାର ବାର୍ତ୍ତାକୁ ପ୍ରତି କୋଣଅନୁକୋଣରେ ପହଁଞ୍ଚାଇବା ପାଇଁ ସାମୂହିକ ପ୍ରୟାସ ଜରୁରୀ ବୋଲି ଶ୍ରୀ ସୁରଜ କହିଛନ୍ତି।

Ganjam

## ରାଷ୍ଟ୍ରୀୟ ଲୋକ ଅଦାଲତ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ସିଭିଟ୍ କୋର୍ଟ ପରିସରରେ ଆସନ୍ତା ୧୨ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ଦେଓ୍ୱାନୀ ଓ ଫୌଜଦାରୀ ମାମଲା, ବୈବାହିକ ବିବାଦ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ବ୍ୟାଙ୍କଋଣ ପରିଶୋଧ, ବିଦ୍ୟୁତ ଓ ଜଳକର ସମ୍ପର୍କିତ ବିବାଦ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯିବ। ଏ ନେଇ କୌଣସି ପ୍ରକାର ଅଦାଲତ ଦେୟ ଦେବାକୁ ପଡ଼େ

ନାହିଁ। ନ୍ୟାୟପ୍ରାପ୍ତି ପ୍ରକ୍ରିୟାକୁ ଅଧିକ ସରଳ, ସୁଗମ ଓ ଲୋକାଭିମୁଖୀ କରିବାରେ ଲୋକ ଅଦାଲତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆପୋଷ ବୁଝାମଣା ମାଧ୍ୟମରେ ନିଜ ମାମଲାର ଶୀଘ୍ର ସମାଧାନ କରାଇବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

Desk

## ବିଶ୍ୱ ଫିଜିଓଥେରାପି ଦିବସ

ବିଶ୍ୱ ଫିଜିଓଥେରାପି ଦିବସ ଆଜି ପାଳନ କରାଯାଉଛି। ଏହି ଅବସରରେ ଭାରତୀୟ ଫିଜିଓଥେରାପି ସଂଘ ଓଡ଼ିଶା ଶାଖା ଏବଂ ସଂଘର ମହିଳା ବିଭାଗ ଆନୁକୂଲ୍ୟରେ ଏକ ସଡ଼କ ସୁରକ୍ଷା ସଚେତନତା ମଶାଲ ପଦଯାତ୍ରା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଫରେଷ୍ଟ ପାର୍କ ନିକଟରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର ଶୁଭାରମ୍ଭ କରିଥିଲେ। ସଡ଼କ ସୁରକ୍ଷା ଏକ ସାମୂହିକ ଦାୟିତ୍ୱ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ପଦଯାତ୍ରାରେ ଫିଜିଓଥେରାପି ସଂଘର କର୍ମକର୍ତ୍ତାଙ୍କ ସହିତ ସମାଜର ବିଭିନ୍ନ ବର୍ଗର ଲୋକ ଅଂଶଗ୍ରହଣ କରିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ସୁସ୍ଥ ଜୀବନଶୈଳୀରେ ସହାୟତା ପ୍ରଦାନ କରି ଆସୁଥିବା

ଫିଜିଓଥେରାପିଷ୍ଟଙ୍କୁ ଗୁରୁ ଦାୟିତ୍ୱ ଉପରେ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ଆଲୋକପାତ କରିଛନ୍ତି।

Desk

# ଶ୍ରୀଜୀଉଙ୍କ ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉମାନେ ପ୍ରଳମ୍ବାସୁର ବଧ ବେଶରେ ଦର୍ଶନ ଦେବେ । ଗତକାଲି ଭାଦ୍ରବ କୃଷ୍ଣ ଏକାଦଶୀ ତିଥିରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଓ ଧେନୁକାସୁର ବଧ ନୀତି ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନଧୂପ ପରେ ମାର୍କଣ୍ଡ ପୁଷ୍କରିଣୀ ନିକଟରେ ଗରୁଡ଼ସେବକ ଗରୁଡ଼ ବେଶରେ କାଳୀୟ ସର୍ପକୁ ଦଳନ କରିଥିଲେ ।

Bhadrak

# ଆତ୍ମରକ୍ଷା କୌଶଳ ଶିବିର

ଭଦ୍ରକ ଜିଲ୍ଲା ଆଗରପଡ଼ା ମହାବିଦ୍ୟାଳୟରେ ୧୦ ଦିନ ଧରି ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧ୍ୟାପକ, ଅଧ୍ୟାପିକା ଏଥିରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆତ୍ମବିଶ୍ୱାସ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷଣ ନେଇଥିବା ୧୦୦ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

Desk

# ଅନ୍‌ଲାଇନ୍ ଚଏସ୍ ଲକିଂ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ୮୨୨ଜଣ ନବନିଯୁକ୍ତ ମେଡିକାଲ ଅଫିସରଙ୍କ ପାଇଁ ଆଜିଠାରୁ ଅନ୍‌ଲାଇନ୍ ଚଏସ୍ ଲକିଂ ପ୍ରକ୍ରିୟା ଆରମ୍ଭ ହେଉଛି । ସୂଚନା ଅନୁଯାୟୀ ସମ୍ପୃକ୍ତ ନବନିଯୁକ୍ତ ଅଧିକାରୀମାନେ ଆଜି ଅପରାହ୍ଣ ୫ଟାରୁ ଆସନ୍ତା ୧୧ ତାରିଖ ପୂର୍ବାହ୍ଣ ୧୦ଟା ମଧ୍ୟରେ jcportal.odisha.gov.in ୱେବ୍‌ସାଇଟ୍‌ରେ ଚଏସ୍ ଲକିଂ କରିପାରିବେ ।

Nabarangpur

## ଜମି ଅଧିଗ୍ରହଣ ପ୍ରକ୍ରିୟା

ନବରଙ୍ଗପୁର ଜିଲ୍ଲାକୁ ରେଳପଥ ସଂଯୋଗୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ଜମି ଅଧିଗ୍ରହଣ ଓ ହସ୍ତାନ୍ତର ପ୍ରକ୍ରିୟା ଆଗେଇ ଚାଲିଛି। ଏହିକ୍ରମରେ ନନ୍ଦାହାଣ୍ଡି ତହସିଲ ଅଧୀନ ଗାଦବାଗୁଡ଼ା ଅଞ୍ଚଳ ୩୫ ଏକର ଜମି ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ହସ୍ତାନ୍ତର କରାଯାଇଛି। ନନ୍ଦାହାଣ୍ଡି ତହସିଲଦାର ଚନ୍ଦ୍ରଦାସ ମହାନନ୍ଦିଆ, ଅତିରିକ୍ତ ତହସିଲଦାରଙ୍କ ପ୍ରମୁଖ ତତ୍ତ୍ୱାବଧାନରେ ଜମି ହସ୍ତାନ୍ତର କରାଯାଇଥିଲା।

BBSR/R

## ଉପଜିଲ୍ଲାପାଳ ନିଯୁକ୍ତି

୨୦୨୪ ବ୍ୟାଚ୍‌ର ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶେଷ କରିଥିବା ୯ ଜଣ ଆଇ.ଏ.ଏସ୍ ଅଧିକାରୀଙ୍କୁ ରାଜ୍ୟ ସରକାର ବିଭିନ୍ନ ଉପଖଣ୍ଡରେ ଉପଜିଲ୍ଲାପାଳ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଯୁକ୍ତ ସ୍ଥାନରେ ଏହି

ଅଧିକାରୀମାନେ ଉପଖଣ୍ଡ ମାଜିଷ୍ଟ୍ରେଟ୍‌ଠାରୁ ଦାୟିତ୍ୱ ନିର୍ବାହ କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି ।

Bhadrak

## କୁଇଜ୍ ପ୍ରତିଯୋଗିତା

ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏଚ୍.ଆଇ.ଭି. ଏଡ୍‌ସ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା ପିଏମ୍‌ଶ୍ରୀ ଜିଲ୍ଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ୭ଟି ବ୍ଲକର ୧୪ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିବାବେଳେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

Desk

## ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ, ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ଶୁକ୍ରବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ବଜ୍ରପାତ ସହ ବର୍ଷା ନେଇ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅନ୍ୟପକ୍ଷେ

ମୌସୁମୀ ଦୁର୍ବଳ ହେବା ଯୋଗୁଁ ଉପକୂଳ ଓଡ଼ିଶାର ବିଭିନ୍ନ ସ୍ଥାନରେ ଗୁଳୁଗୁଳି ଓ ତାପମାତ୍ରା ବୃଦ୍ଧି ପାଇଛି ।